# Learner License / Driving License
# ପ୍ରାପ୍ତି ନିମିତ ଜନସାଧାରଣଙ୍କ ପାଇଁ ସୂଚନା

- **Learner License (LL)** ପାଇବା ପାଇଁ **www.parivahan.gov.in** ୱେବସାଇଟ ରେ ଆବେଦନ କରି ନିର୍ଦ୍ଧାରିତ **fee online** ମାଧ୍ୟମରେ କିମ୍ବା **RTO** କାଉଣ୍ଟରରେ ପଇଠ କରିବା ପରେ **LL test** ପାଇଁ **slot booking** କରି ନିର୍ଦ୍ଧାରିତ ତାରିଖରେ କମ୍ପୁଟର ମାଧ୍ୟମରେ **online test** ଦେବାକୁ ପଡ଼ିଥାଏ । ଉକ୍ତ **test** ରେ ଉତ୍ତିର୍ଣ୍ଣ ହେବା ପରେ **LL issue** ହୋଇଥାଏ ଯାହାକି ଗାଡ଼ି ଚାଳନା ଶିକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ।
- **Online LL test** ରେ ଆସୁଥିବା ପ୍ରଶ୍ନ ଗୁଡ଼ିକ **www.parivahan.gov.in** / **http://orissatransport.nic.in** / **http://odishatransport.gov.in** ୱେବସାଇଟ ରେ ଉପଲବ୍ଧ ଅଛି । **www.parivahan.gov.in** ୱେବସାଇଟ ରେ ଆବେଦନକାରୀ **online test** ର ଅଭ୍ୟାସ କରିପାରିବେ ।
- ଉକ୍ତ **LL** ଟି ଛଅ (୬) ମାସ ପର୍ଯ୍ୟନ୍ତ ବୈଧ ଅଟେ । ଏହାର ନବୀକରଣ କରାଯାଏ ନାହିଁ ।
- **LL** ପ୍ରାପ୍ତ ବ୍ୟକ୍ତିମାନେ ସ୍ୱାଧିନଭାବେ କୌଣସି ଗାଡ଼ି ଚଳାଇପାରିବେ ନାହିଁ । ବୈଧ **Driving License** ପ୍ରାପ୍ତ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ଗାଡ଼ି ଚଳାଇ ପାରିବେ ।
- **LL issue** ଦିନଠାରୁ ଏକମାସ ପରେ **Driving License** ପାଇବା ପାଇଁ **online** ମାଧ୍ୟମରେ ଆବେଦନ କରି ନିର୍ଦ୍ଧାରିତ **fee online** ମାଧ୍ୟମରେ କିମ୍ବା **RTO** କାଉଣ୍ଟରରେ ପଇଠ କରିବା ପରେ **Driving test** ପାଇଁ **slot booking** କରାଯାଇ ପାରିବ ।
- ନିର୍ଦ୍ଧାରିତ **testing date** ରେ **test** ନିଆଯାଇ **test** ରେ ଉତ୍ତିର୍ଣ୍ଣ ହେବା ପରେ **speed post** ଯୋଗେ **DL** ପଠାଯାଇଥାଏ । ଉକ୍ତ **Driving License** ସାରା ଭାରତରେ ବୈଧ ଅଟେ ।
- **Driving License** ଧାରୀ ସେମାନଙ୍କ ଲାଇସେନ୍ସର ବୈଧ ଅବଧି ତାରିଖ ଯାଞ୍ଚ କରନ୍ତୁ, ଏବଂ ଜରିମାନାରୁ ରକ୍ଷା ପାଇବା ପାଇଁ ଅବଧି ଶେଷ ହେବା ପୂର୍ବରୁ ଏକ ବର୍ଷ ମଧ୍ୟରେ **Driving License** ନବୀକରଣ ପାଇଁ **online** ମାଧ୍ୟମରେ ଆବେଦନ କରିବାକୁ ପରାମର୍ଶ ଦିଆଯାଉଅଛି ।
- **Driving License** ଅବଧି ଶେଷ ହେବା ପରର ଏକ ବର୍ଷ ମଧ୍ୟରେ ନବୀକରଣ ପାଇଁ କୌଣସି ଜରିମାନା କିମ୍ବା ପୁନଃ ପରୀକ୍ଷା ଦେବାକୁ ପଡ଼ିବ ନାହିଁ ।

For updates and alerts, follow us on f OdishaSTA STAOdisha

**ପରିବହନ ଆୟୁକ୍ତ, ଓଡ଼ିଶା**

Size - 12 cm x  19 cm